ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର– ୭୫୧୦୦୩

Dr.T.R. Mohanty
Nodal Officer

ସପ୍ତାହ –୪୩



ନ.-୧୦୩୬ (ଓଡିଆ ବୁଲେଟିନ)
ତାରିଖ- ୨୪ .୧୦.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଜଗତସିଂହପୁର ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୮ .୧୦.୨୦୨୫ ରୁ ୨୪ .୧୦.୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 33.9 | 24.7 | 9.9 |

## ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୫ . ୧୦. ୨୦୨୫ ରୁ ୨୯ .୧୦ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ &ଆକାଶରସ୍ଥିତି |  ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ |  ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ |  ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ |  ମଧ୍ୟମ ଧରଣର ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ |  ମଧ୍ୟମ ଧରଣର ବର୍ଷା ଓ ଆକାଶ ମେଘାଚ୍ଛନ୍ନ |
| ସର୍ବାଧିକତାପମାତ୍ରା(°C) | 36 | 34 | 35 | 35 | 34 |
| ସର୍ବନିମ୍ନତାପମାତ୍ରା(°C) | 24 | 24 | 24 | 21 | 21 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(%) | 87 | 88 | 89 | 89 | 90 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା(%) | 58 | 57 | 58 | 61 | 65 |
| ପବନରବେଗ (କି.ମି./ଘ.) | 7 | 9 | 11 | 14 | 18 |
| ପବନରଦିଗ | 14 | 12 | 18 | 40 | 73 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଜଗତସିଙ୍ଘପୁର ଜିଲ୍ଲାରେ ଆଗାମୀ ମଙ୍ଗଳବାର ଓ ବୁଧବାର ଦିନ ମଧ୍ୟମ ଧରଣର ବର୍ଷା ଓ ଅନ୍ୟ ଦିନ ମାନଙ୍କରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରୁ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୭ ରୁ ୧୮ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪ ରୁ ୩୬ ଡିଗ୍ରୀ ସେଲସିଅସ ଓ ୨୧ – ୨୪ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ❖ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଜଗତସିଂପୁର ଜିଲ୍ଲାରେ ଆଗାମୀ ମଙ୍ଗଳବାର ଓ ବୁଧବାର ଦିନ ମଧ୍ୟମ ଧରଣର ବର୍ଷା ଓ ଅନ୍ୟ ଦିନ ମାନଙ୍କରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ❖ ଧାନ କେଣ୍ଡା ୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ❖ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ ।
- ❖ ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟ ଜାତୀୟ ଫସଲ କୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ❖ ଶୀତ ଦିନିଆ ପନିପରିବା ଓ ଡାଲି ଜାତୀୟ ଫସଲକୁ ବୁଣିବା ଓ ଲଗାଇବା କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ ।
- ❖ କୀଟନାଶକ ଓ ସାର ପ୍ରୟୋଗ  ସାମୟିକ ବନ୍ଦ ରଖନ୍ତୁ ।
- ❖ ବାଡ଼ି କିମ୍ବା ବାଉଁଶ ଦ୍ବାରା କଦଳୀ ଓ ଅମୃତଭଣ୍ଡା ଗଛକୁ ଢେରା/ସ୍ଥିରତା ପ୍ରଦାନ କରନ୍ତୁ ।
- ❖ ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦-୪୦ କି.ମି.  ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ରୁହନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । ବିଦ୍ୟୁତ ଉପକରଣ ଏବଂ ପାଣିମୋଟର ଚାଲୁ ରଖିବେ ନାହିଁ, କାରଣ ଏହା କ୍ଷତି ସୃଷ୍ଟି କରିପାରେ । ବିଦ୍ୟୁତ ତାର, ଲୁହା ଜାଲି ଏବଂ ମୋବାଇଲ୍ ଫୋନ୍ କୁ ବଜ୍ରପାତ ସମୟରେ ଛୁଅନ୍ତୁ ନାହିଁ ।
- ❖ ପଶୁମାନଙ୍କୁ କୃମିନାଶକ ଔଷଧ ଖୁଆଇବାକୁ ଏବଂ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ପାଇଁ ଟୀକାକରଣ କରିବାକୁ ପରାମର୍ଶ ଦିଆଯାଇଅଛି ।

## ବିଶେଷ କୃଷି ସୂଚନା

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | କ୍ଷୀର ଢୋକିବା ଅବସ୍ଥା/ ପରିପକ୍ୱୋ ଅବସ୍ଥା | ▪ ଧାନ କେଣ୍ଡା ୮୫% ପାଚି ଯାଇଥିବା ସଅଳ କିସମ ଧାନକୁ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କଟିନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।<br>▪ ଧାନ ବେଙ୍ଗଳା ସମ୍ଭବ ନହେଲେ କଟା ଧାନକୁ ପୋଲିଥିନ ଦ୍ଵାରା ଘୋଡାଇ ସୁରକ୍ଷିତ ରଖନ୍ତୁ ।<br>▪ ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ । |
| ମୁଗ ଏବଂ ବିରି | ପରିପକ୍ୱୋ ଅବସ୍ଥା | ▪ ଅମଳ ଉପଯୋଗୀ ଡାଲି ଜାତୀୟ ଫସଲକୁ ବର୍ଷା ହେବା ପୂର୍ବରୁ ତୁରନ୍ତ ଅମଳ କରିନିଅନ୍ତୁ ।<br>▪ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ । |
| ମକା | ପରିପକ୍ୱୋ ଅବସ୍ଥା | ▪ ଅମଳ ଉପଯୋଗୀ ମକା ଫସଲକୁ ବର୍ଷା ହେବା ପୂର୍ବରୁ ତୁରନ୍ତ ଅମଳ କରିନିଅନ୍ତୁ ।<br>▪ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ ।<br>▪ ଭାରି ବର୍ଷା କାରଣରୁ ନଇଁ ପଡ଼ିଥିବା ବା ଦୁର୍ବଳ ହେଇଯାଇଥିବା ଗଛ ଗୁଡ଼ିକୁ ବାଡ଼ି କିମ୍ବା ବାଉଁଶ ଦ୍ବାରା ଡେରା ଦିଅନ୍ତୁ । |
| ଆଖୁ | ବିଶେଷ ଅଭିବୃଦ୍ଧି ଅବସ୍ଥା | • ଆଖୁ ଗଛ ନ ପଡିବା ପାଇଁ ୪ ରୁ ୫ ଟି ଗଛ ର ପତ୍ର ଗୁଡିକୁ  ଗୋଟିଆ ସ୍ଥାନ ରେ ବାନ୍ଧି ରଖନ୍ତୁ ଓ ଡେରା ଦିଅନ୍ତୁ ।<br>• ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ ।<br>▪ କୀଟନାଶକ ଔଷଧ ଓ ସାର ପ୍ରୟୋଗ  ସାମୟିକ ବନ୍ଦ ରଖନ୍ତୁ। |
| କଦଳୀ ଓ ଅମୃତଭଣ୍ଡା | ଅଙ୍ଗୀୟ ଅଭିବୃଦ୍ଧି ରୁ ଫଳ ଧରିବା ଅବସ୍ଥା | ▪ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ ।<br>▪ ବାଡ଼ି କିମ୍ବା ବାଉଁଶ ଦ୍ବାରା ଗଛକୁ ଡେରା ପ୍ରଦାନ କରନ୍ତୁ । |
| ପନିପରିବା | ତଳିଘେରା/ ବୁଣା ଠାରୁ ଅମଳ ଅବସ୍ଥା | ▪ ମଞ୍ଜି ବୁଣି ନଥିଲେ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।<br>▪ ଅମଳ ଉପଯୋଗୀ ପନିପରିବା କୁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ ।<br>▪ ଟମାଟୋ, ଲଙ୍କା, ବାଇଗଣ ଆଦି ଚାରା କୁ ପଲିଥିନ (ଜରି) କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଚ୍ଛାଦାନ କରି ରଖନ୍ତୁ, ଯେପରିକି ଏହା ବର୍ଷା ଦ୍ୱାରା ପ୍ରଭାବିତ ହେବ ନାହିଁ ।<br>▪ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ ।<br>▪ ଭାରି ବର୍ଷା କାରଣରୁ ନଇଁ ପଡ଼ିଥିବା ବା ଦୁର୍ବଳ ହେଇଯାଇଥିବା ଗଛ ଗୁଡ଼ିକୁ ବାଡ଼ି କିମ୍ବା ବାଉଁଶ ଦ୍ବାରା ଡେରା/ସ୍ଥିରତା ପ୍ରଦାନ କରନ୍ତୁ । |
| ମାଛ ଚାଷ | ▪ ପୋଖରୀ ରୁ ମାଛ ବାହାରି ନଯିବା ଓ ଅଦରକାରୀ ମାଛ ଙ୍କ ପ୍ରବେଶ ରୋକିବା ପାଇଁ ପୋଖରୀ ମୁହଁ କୁ ବାଉଁଶ କିମ୍ବା ନାଇଲନ ଜାଲି ଦ୍ଵାରା ବନ୍ଦ କରନ୍ତୁ । | |

| | |
|---|---|
| | ▪ ଅଧିକ ବର୍ଷା ଯୋଗୁଁ ପୋଖରୀ ରୁ ମାଛ ବାହାରି ନଯିବା ପାଇଁ ପୋଖରୀ ହୁଡା ରେ ଜାଲ ଲଗାନ୍ତୁ । |
| ପଶୁପାଳନ | ▪ ବର୍ଷା ପୂର୍ବରୁ ଗୁହଳକୁ ମରାମତି କରନ୍ତୁ ।<br>▪ ଆଗାମୀ ୪ ରୁ ୫ ଦିନ ପାଇଁ ଦାନା / ଘାସ ସଂଗ୍ରହ କରି ରଖନ୍ତୁ ଏବଂ ପରିଷ୍କାର ପାନୀୟ ଜଳ ର ବ୍ୟବସ୍ଥା କରନ୍ତୁ ।<br>▪ ବର୍ଷା ରେ ନଷ୍ଟ ନହେବା ପାଇଁ ଘାସ କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।<br>▪ ପଶୁମାନଙ୍କୁ ଘର ଭିତରେ ରଖନ୍ତୁ । |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)